# Akashvani, Sambalpur

## SAMBALPURI NEWS EVENING BULLETIN

## 5 December 2024- 7.02 pm- 7.12 pm.

*********************************************

୧- ନ୍ୟାୟପାଳିକା ନ ଆଂଚଲିକ୍ ଭାଷାଥି କାର୍ଯ୍ୟ ସମ୍ପାଦନ୍ ହେବାର୍ ଦର୍କାର୍- କହେଲେ ରାଷ୍ଟ୍ରପତି ।

- ଭୁବ୍‌ନେଶ୍ୱର୍ ନ ନୂଆଁ ନ୍ୟାୟିକ କମ୍ପ୍ଲେକ୍ସକେ କଲେ ଉଦ୍‌ଘାଟନ୍ ।

୨- ଆଦିବାସୀ ମାନ୍‌କର୍ ଜମି ସୁରକ୍ଷା ଲାଗି ରାଜ୍ୟ ସର୍କାର୍ ପ୍ରତିଶ୍ରୁତି ବଦ୍ଧ- କହେଲେ ରାଜସ୍ୱ ମନ୍ତ୍ରୀ ।

୩- ଜାତୀୟ ପଂଚାୟତ୍ ପୁରସ୍କାର୍-୨୦୨୪ ଥି ୭ ଟା ବିଭାଗ୍‌ଥି ଓଡ଼ିଶାକେ ମିଲ୍‌ବା ପୁରସ୍କାର୍ ।

ଆଉର୍

୪- ମାଟିର ସୁରକ୍ଷା ଲାଗି ସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ମୃତିକା ଦିବସ୍ ।

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ନ୍ୟାୟପାଳିକାଥି ଆଂଚଲିକ୍ ଭାଷାଥି କାର୍ଯ୍ୟ ସମ୍ପାଦନ୍ ହେବାର୍ ଦର୍‌କାର୍ । ଇଟା ସାଧାରଣ୍ ଲୁକ୍‌କର୍ ଆଇନ୍ ସାକ୍ଷରତା ବଢ଼ାବାର୍‌କେ ସାହାଜ୍ ହେବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ରାଷ୍ଟ୍ରପତି ନୂଆଁକରି ତିଆର୍ ହେଇଥିବା ନ୍ୟାୟିକ ଅଦାଲତ୍ କମ୍ପ୍ଲେକ୍ସ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି କହିଛନ୍ ଯେ, ଡେରିଥି ମିଲୁଥିବା ନ୍ୟାୟ - ନ୍ୟାୟ ନାଇଁ ମିଲ୍‌ବାର୍ ସାଙ୍ଗେ ସମାନ୍ ଆଏ । କୋର୍ଟ ନ ମାମ୍‌ଲାର୍ ଶୁଣାଣି ସମିଆଥି ଥର୍‌ଥର୍ ତାରିଖ୍ ଘୁଁଚାବାର୍ ପ୍ରକ୍ରିୟାଥି ପୂର୍ଣ୍ଣଚ୍ଛେଦ୍ ପଡ଼୍‌ବାର୍ ଦର୍‌କାର୍ । ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ଓଡ଼ିଶା ନ ଗ୍ରାମ୍ୟ ନ୍ୟାୟାଳୟ ତିଆର୍ କରାଯାଉଛେ । ଇଟା ହେଲେ ନ୍ୟାୟ ପ୍ରକ୍ରିୟା ତୁର୍‌ତି ହେବା । ଗ୍ରାମ୍ୟ ନ୍ୟାୟାଳୟକେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ରାଷ୍ଟ୍ରପତି ରାଜ୍ୟ ସର୍‌କାର୍‌ଙ୍କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି କହିଛନ୍ ଯେ, ଦେଶେ ଗଲା ଜୁଲାଇ ପହେଲାନୁ ନୂଆଁ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବାର୍‌ଟା ସମୟ ଉପଯୋଗୀ ପଦକ୍ଷେପ୍ ଆଏ । ଇଥି ଦଣ୍ଡ ଅପେକ୍ଷା ନ୍ୟାୟ ଦେବାର୍‌କେ ଗୁରୁତ୍ୱ ଦେବାର୍‌ଟା ସକାରାତ୍ମକ ଦୃଷ୍ଟିଭଙ୍ଗୀ ।

ରାଷ୍ଟ୍ରପତି ମହିଳା ନେତୃତ୍ୱର୍ ବିକାଶ୍ ଉପ୍ରେ ଆଲୋଚନା କରିକରି ଆଇନ୍ କ୍ଷେତ୍ରଥି ଅଏତ୍କା ମହିଳା ଯୋଗ୍ ଦେବାର୍କେ ଆହ୍ୱାନ୍ ଦେଇଛନ୍ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଚକ୍ରଧାରୀ ଶରଣ୍ ସିଂଙ୍କର୍ ସହେତେ ଅଲ୍‌ଗା ବିଚାର୍‌ପତି ଆର୍ ଆଇନ୍‌ଜୀବୀ ଉପସ୍ଥିତ୍ ଥିଲେ ।

ଇତାର୍ ଆଘୋନୁ ରାଷ୍ଟ୍ରପତି କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଲୟର୍ ୪୦ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇଥିଲେ । ଉତ୍ସବ୍‌ଥି ୨୦୨୨ ଆର୍ ୨୩ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ବିଭାଗ୍‌ଥି କୃତକାର୍ଯ୍ୟ ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ପଦକ୍, ପୁରସ୍କାର୍ ଆର୍ ଡିଗ୍ରୀ ଦିଆଯାଇଛେ ।

ରାଷ୍ଟ୍ରପତି ଆଏବା କାଏଲ୍ ସଖାଲେ ଭୁବ୍‌ନେଶ୍ୱର୍ ଏଜି ଛକ୍ ନ ଡକ୍ଟର୍ ବି.ଆର୍. ଆମ୍ବେଦକର୍‌ଙ୍କର୍ ପ୍ରତିମୂର୍ତିକେ ଉନ୍ମୋଚନ୍ କର୍‌ବେ ଇତାର୍ ଉତ୍‌ରୁ ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ବିଧାନ୍‌ସଭା- ରାଜସ୍ୱମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଆଦିବାସୀ ମାନ୍‌କର୍ ଜମି ସୁରକ୍ଷା ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍

ଇ ବାବ୍‌ଦେ କେତେଟା ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ଆଦିବାସୀ ମାନ୍‌କର୍ ଜମି ଘିନାବିକାକେ ନେଇକରି ରହିଥିବା ଆଇନ୍ ଉଲ୍ଲଂଘନ୍ କ୍ଷେତ୍ରଥି ଜମି ଘିନାକେ ବେଆଇନ୍ ଘୋଷ୍‌ନା କରାଯିବା । ଭୂ-ସଂସ୍କାର୍ ଆଇନ୍ ୧୯୬୦ ଅନ୍‌ସାରେ ଇ ଜମିକେ ଆଦିବାସୀ ଲୁକ୍‌କୁ ଫିରାବାର୍ ଲାଗି ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହ ନ ସୂଚ୍‌ନା ଦେଇଛନ୍ । ସେନ୍ତା ଆଦିବାସୀଙ୍କର୍ ଜମି ଜବର୍‌ଦଖଲ୍ ଅଭିଯୋଗ୍ ନେଇକରି କେତେଟା ମାମ୍‌ଲା ବିଚାର୍‌ଧୀନ୍ ରହିଛେ ବଲି ସେ କହିଛନ୍ । ଅଲ୍‌ଗା ଗୁଟେ ଅତିରିକ୍ତ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ସବୁ ଶିକ୍ଷାନୁଷ୍ଠାନ୍‌କେ ଆଏବା ୩୦ ତାରିଖ୍‌ତକ୍ ନିଜସ୍ୱ ଜମି ପଟ୍ଟା ବଂଟନ୍ କାମ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ରାଜସ୍ୱ ମନ୍ତ୍ରୀ-୨ ଆର୍‌ଏନ୍‌ୟୁ/ କଟକ୍

ପଡ଼ୋଶୀ ଆନ୍ଧ୍ରପ୍ରଦେଶ୍, ଛତିଶ୍‌ଗଡ଼୍, ଝାଡ଼୍‌ଖଣ୍ଡ ଆର୍ ପଶ୍ଚିମବଙ୍ଗ୍ ସାଙ୍ଗେ ଓଡ଼ିଶାର୍ ୧୪ ଟା ଜିଲ୍ଲାର୍ ଆନ୍ତଃରାଜ୍ୟ ସୀମ୍‌ନା ବିବାଦ୍ ରହିଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଲିଖିତ୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ସୀମ୍‌ନା ବିବାଦ୍ ରହିଥିବା ଜିଲ୍ଲାମାନେ ହେଉଛେ, ଝାର୍‌ସୁଗୁଡ଼ା,

ବର୍‌ଗଡ୍‌, ସୁନ୍ଦର୍‌ଗଡ୍‌, କଲାହାଣ୍ଡି, ନୂଆପଡ଼ା, ନବରଙ୍ଗ୍‌ପୁର୍‌, ମାଲ୍‌କାନ୍‌ଗିରି, କୋରାପୁଟ୍‌, ରାୟଗଡ଼ା, ଗଜପତି, ଗଞ୍ଜାମ୍‌, ବାଲେଶ୍ୱର୍‌, କେନ୍ଦୁଝର୍‌ ଆର୍‌ ମୟୁର୍‌ଭଞ୍ଜ୍‌ ।

ରାଜସ୍ୱ ମନ୍ତ୍ରୀ-୩ ଆର୍‌ଏନ୍‌ୟୁ/ କଟକ୍‌

ରାଏଜେ ଗଲା ୩ ବଛରେ ଚଡ଼କ୍‌ମାରିକରି ୧ ହଜାର୍‌ ୫୭ ଝନ୍‌କର୍‌ ଜୀବନ୍‌ ଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍‌ ପୂଜାରୀ ବିଧାନ୍‌ସଭା ନ ଆଏଜ୍‌ ଇ ବାବଦ୍‌ ଲିଖିତ୍‌ ଉତର୍‌ଥି କହିଛନ୍‌ ଯେ, ଗଲା ୭ ମାସ୍‌ ଭିତ୍‌ରେ ଚଡ଼କ୍‌ ମାରିକରି ୨ ଶହ ୧ ଝନ୍‌କର୍‌ ଜୀବନ୍‌ ଯାଇଛେ । ଗଲା ବଛର୍‌ ୨ ଶହ ୭୨ ଝନ୍‌କର୍‌ ଜୀବନ୍‌ ଯାଇଥିବାର୍‌ ବେଲେ ୨୦୨୨ -୨୩ ମସିହାଥି ୩ ଶହ ୬ ଝନ୍‌କର୍‌ ଜୀବନ୍‌ ଯାଇଥିଲା । ଚଡ଼କ୍‌ ମାରିକରି ମୟୁର୍‌ଭଞ୍ଜ୍‌, ବାଲେଶ୍ୱର୍‌ ଆର୍‌ ଗଞ୍ଜାମ୍‌ ଜିଲ୍ଲା ନ ଜହ ଲୁକ୍‌କର୍‌ ଜୀବନ୍‌ ଯାଇଥିବାର୍‌ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍‌ ।

ଜାତୀୟ ପଂଚାୟତ୍‌ ପୁରସ୍କାର ସୂଚନା ଲୋକସମ୍ପର୍କ ବିଭାଗ୍‌

କେନ୍ଦ୍ର ସର୍କାର୍ଙ୍କର୍ ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍ଫୁ ଦିଆଯାଉଥିବା ଜାତୀୟ ପଂଚାୟତ୍ ପୁରସ୍କାର୍ ୨୦୨୪ ଥି ଓଡ଼ିଶାକେ ୭ ଟା ବିଭାଗ୍ଥି ପୁରସ୍କୃତ କରାଯିବା । ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ଆଏବା ୧୧ ତାରିଖ୍ ଦିନ ହେବାର୍କେ ଥିବା ସମାରୋହଥି ଇ ପୁରସ୍କାର୍ ମିଲ୍ବା । ଦେଶେ ଶ୍ରେଷ୍ଠ ବିବେଚିତ ହେଇଥିବା ଓଡ଼ିଶାର୍ ଭିନ୍ ଭିନ୍ ଗ୍ରାମ୍ ପଂଚାୟତ୍, ପଂଚାୟତ୍ ସମିତି ଆର୍ ଜିଲ୍ଲା ପରିଷଦ୍କେ ପୁରସ୍କାର୍ ଦିଆଯିବା ବଲି ସୂଚ୍ନା ମିଳିଛେ । ଇତାର୍ ଭିତ୍ରେ ସୁନ୍ଦର୍ଗଡ୍ ଜିଲ୍ଲା କସିର୍ ଗ୍ରାମ୍ପଂଚାୟତ୍କେ -ଗ୍ରାମ ଉର୍ଜା ସ୍ୱରାଜ୍ ବିଶେଷ ପଂଚାୟତ୍ ପୁରସ୍କାର୍ ଆର୍ କେନ୍ଦ୍ରିକେଲା ଗ୍ରାମ୍ ପଂଚାୟତ୍କେ -କାର୍ବନ୍ ନ୍ୟୁଟ୍ରାଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ଦିଆଯିବା ।

ମୃତିକା ଦିବସ        ସମ୍ବଲପୁର୍/ବୌଦ୍ଧ/ସୁବର୍ଣ୍ଣପୁର୍/ଦେବ୍ଗଡ୍

ଆଏଜ୍ ବିଶ୍ୱ ମୃତିକା ଦିବସ୍ । ୨୦୦୨ ମସିହା ନ ଆନ୍ତର୍ଜାତୀୟ ମୃତିକା ସଂଗଠନ୍ ତର୍ଫୁ ଇ ଦିବସ୍ ପାଲନ୍ ଲାଗି ଦିଆଯାଇଥିବାର୍ ପ୍ରସ୍ତାବ୍କେ ୨୦୧୩ ମସିହା ନ ମିଲିତ୍ ଜାତିସଂଘର୍ ଅନୁମୋଦନ୍ ମିଲିଥିଲା । ମାଟିର୍ ସୁରକ୍ଷାର୍ ଲାଗି ସଚେତନତା ବନାବାର୍ଟା ଇ ଦିବସ୍ ପାଲନ୍ର ଲକ୍ଷ୍ୟ ଆଏ । ମୃତିକା ଦିବସ୍ ଅବ୍ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହେବା ।

ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ଇ ଦିବସ୍ ପାଲନ୍ ଅବ୍ସରେ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ଥି ପୋଷ୍ଟ କରିକରି ରାଜ୍ୟପାଲ୍ ମାଟିର ଗୁଣବତା ବଢ଼ାବାର୍ ଆଉ ଜୈବିକ ଚାଷ୍କେ ଅପ୍ନାବାର୍ ଉପ୍ରେ ଜୋର୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ବାର୍ତାଥି ଗୁଟେ ସବୁଜ ଆଉ ସୁସ୍ଥ ପୁର୍ଥି ଲାଗି ସମ୍କର୍ ସହଯୋଗ୍ କାମନା କରିଛନ୍ ।

ସମ୍ବଲ୍ପୁର୍ ଜିଲ୍ଲା ଚିପିଲିମା ଓୟୁଏଟି ପରିସର ନ ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଛେ । ଇଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା କୁମୁଦିନୀ ନାୟକ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଚାଷୀମାନ୍କୁ ମୃତିକା ସଂରକ୍ଷଣ୍ ବାବ୍ଦେ ଭିନ୍ ଭିନ୍ ଦିଗ୍କେ ନେଇକରି ପରାମର୍ଶ ଦିଆଯାଇଛେ ।

ବୌଦ୍ଧ ଠାନେ କୃଷି ବିଭାଗ୍ ତର୍ଫୁ ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଛେ । ଜିଲ୍ଲା କୃଷି ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭା ନ ଜିଲ୍ଲାର୍ ଚାଷୀମାନ୍କୁ କେନ୍ଦ୍ର ସର୍କାର୍ଙ୍କର୍ ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ବଂଟାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ନ କୃଷି ବିଭାଗ୍ ତର୍ଫୁ ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଛେ । ଭାରତ୍ ସର୍କାର୍ଙ୍କର୍ କୃଷି ଆଉ କୃଷକ୍ କଲ୍ୟାଣ୍ ସଶକ୍ତିକରଣ୍ ମନ୍ତ୍ରଣାଳୟ ଆର୍ ଆଇସିଏଆର୍ ସାହାଜ୍ଥି ଇ ଦିବସ୍ ପାଲିତ୍ ହେଇଥିଲା ।

ଦେବ୍ଗଡ଼୍ ଜିଲ୍ଲା କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଛେ । ବୈଠକ୍ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି

ଚାଷୀମାନ୍‌କୁ ମୃତିକା ସଂରକ୍ଷଣ୍ ଲାଗି ଯତ୍ନବାନ୍ ହେବାର୍‌କେ ପରାମର୍ଶ ଦେଇଛନ୍ ।

## ସମ୍ବଲ୍‌ପୁର୍ ଚିଡ଼ିଆଖାନା-ବାଘୁଣୀ ମୃତ୍ୟୁ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଚିଡ଼ିଆଖାନା ନ ଗୁଟେ ବାଘୁଣୀର ଗଲାକାଏଲ୍ ରାତି ଜୀବନ୍ ଯାଇଛେ । ପୋଷ୍ଟମର୍ଟମ୍ ଉତ୍‌ରୁ ମୃତ୍ୟୁର୍ ଠିକ୍ କାରଣ୍ ଜନାପଡ଼୍‌ବା ବଲି ଡିଏଫ୍‌ଓ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବାଘୁଣୀର ଦିହି କେତେ ଦିନ୍ ହେଲା ଖରାପ୍ ହେବାର୍‌ନୁ ଚିକିତ୍ସା କରାଯାଉଥିଲା ।

## ନୂଆପଡ଼ା-ଧାନ୍ ମଣ୍ଡି ଉଦ୍‌ଘାଟିତ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ କୃଷି ସମବାୟ ସମିତି ତର୍‌ଫୁ ଖରିଫ୍ ରତୁର୍ ଧାନ୍ ମଣ୍ଡି ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟଅତିଥି ଭାବେ ବୋଡ଼େନ୍ ବିଡ଼ିଓ ସୁଶାନ୍ତ କୁମାର୍ ରଣା ଆର୍ ତହସିଲ୍‌ଦାର୍ ସରିତା ଗୁପ୍ତା ଯୋଗ୍ ଦେଇକରି ମଣ୍ଡିର ଉଦ୍‌ଘାଟନ୍ କରିଥିଲେ । ଯେନ୍ ଚାଷୀମାନ୍‌କର୍ ଟୋକନ୍ ଅଛେ ସେମାନେ ଧାନ୍ ଆନିକରି ବିକି ପାର୍‌ବେ ବଲି ବିଡ଼ିଓ କହିଛନ୍ ।

କୃଷକ୍ ଉତ୍ପାଦକ କମ୍ପାନୀ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଚାଷୀମାନ୍‌କର୍ ଆୟ ବଢ଼ାବାର୍‌କେ ଆଉ ବ୍ୟବସାୟିକ ବିକାଶ୍ ଲାଗି ୪ ଟା କୃଷକ୍ ଉତ୍ପାଦକ କମ୍ପାନୀ ସାଙ୍ଗେ ଜିଲ୍ଲା ପ୍ରଶାସନ୍ ଚୁକ୍ତିନାମା ସ୍ୱାକ୍ଷର୍ କରିଛେ । ଇ ସମିଆଥି ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗ୍‌ଦେବ୍ ଆର୍ ୪ ଟା କୃଷକ୍ ଉତ୍ପାଦକ୍ କମ୍ପାନୀର୍ ମୁଖ୍ୟମାନେ  ଉପସ୍ଥିତ୍ ଥିଲେ ।

ଏନ୍‌ଡିଆର୍‌ଏଫ୍ -ମକ୍‌ଡ୍ରିଲ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହର୍ ନ ବାପୁଜୀ ନଗର୍ ବନ୍ଧ ନ ଏନ୍‌ଡିଆର୍‌ଏଫ୍ ତର୍‌ଫୁ ଗୁଟେ ମକ୍‌ଡ୍ରିଲ୍ ଆଏଜ୍ କରାଯାଇଛେ । ପାଏନ୍‌ଥି ବୁଡ଼ି ଯାଉଥିବା ଲୁକ୍‌କୁ କେନ୍ତା ଉଦ୍ଧାର୍ କରାଯିବା, ପଛେ ସେମାନ୍‌କୁ ପ୍ରାଥମିକ ଚିକିତ୍ସା କରିକରି ହାସ୍‌ପାତାଲ୍‌କେ କେନ୍ତା ନେଇହେବା ସେ ବାବ୍‌ଦେ ଏନ୍‌ଡିଆର୍‌ଏଫ୍‌ର ଅଧିକାରୀ ଆର୍ ଜବାନ୍ ମାନେ ମକ୍‌ଡ୍ରିଲ୍ ଜରିଏ ଦେଖେଇଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବୌଦ୍ଧ- ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ କେନ୍ଦ୍ର ସରକାରଙ୍କର୍ ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ମୋ ଭାରତ୍ ତରଫୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଛେ । ବାଉଁଶୁଣି ମା ମାହେଶ୍ୱରୀ କଲେଜ୍ ଠାନେ ହେଇଥିବା ଇ କାର୍ଯ୍ୟକ୍ରମ୍‌କେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ୍ ରଥ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଥିଲେ । ଇ କାର୍ଯ୍ୟକ୍ରମ୍‌ଥି ବିଜ୍ଞାନ୍ ମେଳା, ଚିତ୍ରାଙ୍କନ, କବିତା ଆର୍ ଫଟୋଚିତ୍ର ପ୍ରତିଯୋଗିତାମାନ୍ ହେଇଥିଲା ।

ପରିବହନ୍ ମନ୍ତ୍ରୀ-ବିଧାନ୍‌ସଭା          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗଲା ୩ ବଛ୍‌ରେ ସଡ଼କ୍ ଦୁର୍ଘଟଣାଥି ୧୬ ହଜାର୍ ୨ ଶହ ୮୭ ଝନ୍‌କର୍ ଜୀବନ୍ ଯାଇଛେ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ବିଧାନ୍‌ସଭା ନ ତଥ୍ୟ ରଖିଛନ୍ । ଇ ସମିଆ ଭିତ୍‌ରେ ୩୦ ହଜାର୍ ୪ ଶହ ୫୩ ଝନ୍ ଆହତ୍ ହେଇଛନ୍ ।